Gramin Krishi Mausam Sewa
India Meteorological Department
Odisha University of Agriculture and Technology
Bhubaneswar -751 003

Dr. T. R. Mohanty
Nodal Officer

**ସପ୍ତାହ –୧୯**

ନ.- ୫୩୬ (ଓଡିଆ ବୁଲେଟିନ)
ତାରିଖ – ୦୮.୦୫.୨୦୨୬

(ସୌଜନ୍ୟ – ଓୟୁଏଟି ସ୍ଥିତ କୃଷି ପାଣିପାଗ ଉପବିଭାଗ ଓ ଓଡ଼ିଶା ସରକାରଙ୍କ କୃଷି ନିର୍ଦ୍ଦେଶାଳୟ, ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟ ଓ ମତ୍ସ୍ୟନିର୍ଦ୍ଦେଶାଳୟ)

## ପୂର୍ବାନୁମାନ ପାଣିପାଗ ସୂଚନା

ଭାରତୀୟ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ, ଖୋର୍ଦ୍ଧା ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ଆଂଶିକ ମେଘୁଆ ରହିବାର ସମ୍ଭାବନା ଥିବାବେଳେ ଉପରୋକ୍ତ ଜିଲ୍ଲା ମାନଙ୍କରେ ପବନର ବେଗ ହାରାହାରି ୦୯ ରୁ ୧୬ କି.ମି. ପ୍ରତି ଘଣ୍ଟା ପର୍ଯ୍ୟନ୍ତ ରହିବାର ସୂଚନା ରହିଛି । ସେହିପରି ଆଗାମୀ ୫ ଦିନ ପର୍ଯ୍ୟନ୍ତ ଦିନର ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୭ ରୁ ୩୮ ଡିଗ୍ରୀ ସେଲସିଅସ ଓ ୨୬ ଡିଗ୍ରୀ ସେଲସିଅସ ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ସାଧାରଣ ଉପଦେଶ

- ବର୍ତ୍ତମାନ ସମୟରେ ମାଟିର ଆର୍ଦ୍ରତାକୁ ବିନିଯୋଗ କରି ଖରାଟିଆ ଚାଷ କରି ଦିଅନ୍ତୁ ।
- ଖରାଟିଆ ଚାଷ କରି ଜମିରେ ସବୁଜ ସାର ହିସାବ ରେ ଧଣିଚା ମଞ୍ଜି କୁ ଏକର ପ୍ରତି ୧୦ କିଲୋଗ୍ରାମ ହିସାବ ରେ ବୁଣନ୍ତୁ ।
- ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ଥିବାରୁ କୀଟନାଶକ ସିଞ୍ଚନକୁ କିଛି ଦିନ ପାଇଁ ସ୍ଥଗିତ ରଖନ୍ତୁ ।
- କାଳ ବୈଶାଖୀ ବର୍ଷା ହେତୁ ଲତା ଯାତୀୟ ପନିପରିବା ପ୍ରଭାବିତ ହେବାର ସମ୍ଭାବନା ଥିବାରୁ ଅମଳ ଉପଯୋଗୀ ପନିପରିବା କୁ ତୋଳି ଦିଅନ୍ତୁ, ତଥା ମଞ୍ଚାକୁ ମଜବୁତ କରି ଦିଅନ୍ତୁ ।
- ଜମି ର ପ୍ରକାର, ମାଟି ର ଉର୍ବରତା ଓ ଜଳ ସେଚନ ର ସୁବିଧା କୁ ବିଚାର କୁ ନେଇ ଖରିଫ ଫସଲ ଯୋଜନା ପ୍ରସ୍ତୁତ କରନ୍ତୁ ।
- ପବନରୁ ଆମ୍ବକୁ ରକ୍ଷା କରିବା ପାଇଁ ଆମ୍ବ ଗଛରେ ଜାଲ ଲଗାନ୍ତୁ ।
- ଆଗାମୀ ଶନିବାର, ମଙ୍ଗଳବାର ଓ ବୁଧବାର ଦିନ ପର୍ଯ୍ୟନ୍ତ ବିଜୁଳି ଓ ଘଡଘଡି ହେବାର ସମ୍ଭାବନା ରହିଛି । ତେଣୁ, ଚାଷୀ ଭାଇମାନଙ୍କୁ ବଜ୍ରପାତ ସମୟରେ ଖୋଲା ସ୍ଥାନ, ଗଛତଳେ, କିମ୍ବା ପାଣି ଥିବା ସ୍ଥାନ ନିକଟରେ ନ ରହିବାକୁ ପରାମର୍ଶ ଦିଆଯାଉଅଛି । ଯଦି କୌଣସି ସୁରକ୍ଷିତ ସ୍ଥଳ ଉପଲବ୍ଧ ନଥାଏ, ତେବେ ଖୋଲା ଜାଗାରେ ତଳକୁ ବସି ଦୁଇଟି ପାଦକୁ ଏକସାଥିରେ ରଖନ୍ତୁ, ଯେପରିକି ଶରୀରର ସବୁଠାରୁ କମ ଅଂଶ ମାଟି ସହିତ ଲାଗିରହିବ ।
- ଗୃହପାଳିତ ପଶୁପକ୍ଷୀ ମାନଙ୍କୁ ଘର ଭିତରେ ରଖନ୍ତୁ ଏବଂ ସେମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରନ୍ତୁ । ଘାସ ଚରିବା ପାଇଁ ପଶୁ ମାନଙ୍କୁ କେବଳ ସକାଳ ଏବଂ ସନ୍ଧ୍ୟା ସମୟ ରେ ଛାଡନ୍ତୁ ।

**ସଂକ୍ଷିପ୍ତ ଉପଦେଶ:**

- ପବନରୁ ଆମ୍ବକୁ ରକ୍ଷା କରିବା ପାଇଁ ଆମ୍ବ ଗଛରେ ଜାଲ ଲଗାନ୍ତୁ ।

## ବିଶେଷ ଉପଦେଶ

| ଫସଲ | ଅବସ୍ଥା | କୃଷି ପରାମର୍ଶ |
|---|---|---|
| ଡାଲୁଅ ଧାନ | ପାକଳ ଅବସ୍ଥା | ❖ ଧାନ କେଣ୍ଡା ରେ ଶତକଡା ୮୫ ଭାଗ ଧାନ ପାଚି ଗଲା ପରେ ଓ ହଳଦିଆ କିମ୍ବା ସୁନା ରଙ୍ଗ ର ହୋଇ ଗଲେ ଅମଳ କରନ୍ତୁ ନଚେତ ଧାନ ଝଡି ପଡିବାର ସମ୍ଭାବନା ଥାଏ । ଧାନ ଅମଳ ପରେ ଦିନ କୁ ୮ ଘଣ୍ଟା, ଦୁଇ ରୁ ତିନି ଦିନ ସିମେଣ୍ଟ ଚଟାଣ କିମ୍ବା ୨୦୦ ମାଇକ୍ରନ କଳା ପୋଲିଥିନ ଉପରେ ୨.୫ ସେମି ଉଚ୍ଚ ରେ ଶୁଖାଇ ଦେଲେ ଆର୍ଦ୍ରତା ଶତକଡା ୧୪ କୁ ଖସି ଆସେ । |
| ମକା | ଭଣ୍ଡା ଧରିବା ଅବସ୍ଥା | ❖ ଲଗାତର ଶୁଖିଲା ପାଗ ପରେ ବର୍ଷା ହେଲେ ମକା ଫସଲ ରେ ଫଲ ଆର୍ମି ୱାର୍ମ ପୋକ ଲାଗିବାର ସମ୍ଭାବନା ଥାଏ । ଏହାର ନିରାକରଣ ପାଇଁ ଏକର ପ୍ରତି Emamectin benzoate ୫% SG @ ୮୦ ଗ୍ରାମ କିମ୍ବା Chlorantraniliprole 18.5% AC @ ୮୦ ମିଲି, ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| ଆଖୁ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | ❖ ଆଖୁରେ କଳାଛାଟ ରୋଗ ନହେବା ପାଇଁ ବିହନ ଲଗାଇବା ସମୟରେ ପୁଆକୁ ଲିଟର ପ୍ରତି ୧-୧.୫ ଗ୍ରାମ Carbendazim ଦ୍ରବଣ ରେ ୧୫-୨୦ ମିନିଟ ବୁଡାଇ ରଖି ଲଗାଇବା ଉଚିତ । ପ୍ରାଥମିକ ଅବସ୍ଥାରେ ଏହି ରୋଗର ନିରାକରଣ ପାଇଁ ରୋଗାକ୍ରାନ୍ତ ଅଂଶକୁ ସଂଗ୍ରହ କରି ଦୂରରେ ଫୋପାଡି ଦିଅନ୍ତୁ । ରାସାୟନିକ ଉପାୟରେ ଏହାର ନିରାକରଣ ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୨୦୦ ଗ୍ରାମ Triadimefon କିମ୍ବା ୬୦୦ ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ପତ୍ର ସିଂଚନ କରନ୍ତୁ । |
| ଭେଣ୍ଡି | ଫଳ ଧରିବା ଅବସ୍ଥା | ❖ ଶୋଷକ ଜାତୀୟ କୀଟ<br>ବର୍ତମାନ ସମୟରେ ଭେଣ୍ଡି ଫସଲ ରେ ଶୋଷକ ଜାତୀୟ କୀଟ ଯଥା ଜଉ ପୋକ , ପତ୍ର ଡିଆଁ ପୋକ , ପତ୍ର ଉକୁଣି ପୋକ ଏବଂ ଧଳା ମାଛି ଲାଗିବାର ସମ୍ଭାବନା ରହିଛି । ଏହି ପୋକ ଗୁଡିକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥା ରେ ଏକର ପ୍ରତି ୬୦୦ମିଲି ନିମ୍ବଜାତ କୀଟନାଶକ ୧୫୦୦ ପିପିଏମ କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଏକର ପ୍ରତି ୪୦ଗ୍ରାମ Thiamethoxam କିମ୍ବା ୫୦ ଗ୍ରାମ Acetamiprid କିମ୍ବା ୪୦ ମିଲି Tolfenpyrad ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| ବାଇଗଣ / ବିଲାତି ବାଇଗଣ | ଫୁଲ ଓ ଫଳ ଧରିବା ଅବସ୍ଥା | ❖ କାଣ୍ଡ ଓ ଫଳ ବିନ୍ଧା ପୋକ: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପିଛା ୮ ଟି ଫେରୋମୋନ୍ ଟ୍ରାପ୍ (ଆକର୍ଷକ ଜନ୍ତା) କିମ୍ବା ୱାଟା ଟ୍ରାପ୍ ଜମିରେ ଲଗାନ୍ତୁ । ରାସାୟନିକ ପଦ୍ଧତିରେ ନିୟନ୍ତ୍ରଣ ପାଇଁ ଶୁଖିଲା ପାଗ ଦେଖି ପ୍ରତି ୧୫ ଲିଟର ପାଣିରେ ସ୍ପିନୋସାଡ ୪୫% ଏସ.ସି ୫.୫ ମିଲିଗ୍ରାମ ନଚେତ ପ୍ରତି ଏକ ଲିଟର ପାଣିରେ ୨ ମିଲିଗ୍ରାମ ଥିଓଡିକାର୍ବ ୭୫% ଡବ୍ଲୁ.ପି କୁ ମିଶ୍ରଣ କରି ସିଞ୍ଚନ କରନ୍ତୁ ।<br>❖ ଧଳା ମାଛି: ନିୟନ୍ତ୍ରଣ ପାଇଁ ଅଙ୍ଗୀୟ ଅବସ୍ଥାରେ ଏକର ପ୍ରତି ୮-୧୦ ଟି ଅଠା ଲାଗିଥିବା ହଳଦିଆ ଯନ୍ତା ବ୍ୟବହାର କରନ୍ତୁ । ସଂକ୍ରମିତ ହେବାର ପ୍ରଥମ ଅବସ୍ଥାରେ ୩୦ ମି.ଲି ନିମ୍ବ ଆଧାରିତ କୀଟନାଶକ (ଆଯାଡିରାକଟିନ୍ ୧୫୦୦ ପିପିଏମ୍ ) କୁ ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |

| | | |
|---|---|---|
| ଲଙ୍କାମରିଚ | ଫୁଲ ଓ ଫଳ ଧରିବା ଅବସ୍ଥା | ❖ ଲଙ୍କାମରିଚ ଫସଲ ରେ ବର୍ତମାନ ସମୟରେ ଶୋଷକ ପୋକ ଯଥା ଜୋଉ ପୋକ ଓ ପତ୍ର ଉକୁଣି ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥା ରେ ଏହି ପୋକ ର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପଣି ରେ ମିଶାଇ ସିଂଚନ କରନ୍ତୁ। ରାସାୟନିକ ଉପାୟରେ ଏହି ପୋକ ଗୁଡିକ ର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ଏକର ପ୍ରତି ୪୦ ଗ୍ରାମ Thiamethoxam ନାମକ କୀଟନାଶକ ଯାହାକି Actara ବା Areva ନାମରେ ମିଳୁଛି କିମ୍ବା ୫୦ ଗ୍ରାମ Acetamiprid ନାମକ କୀଟନାଶକ ଯାହାକି Dhanpreet ବା Manik ନାମରେ ମିଳୁଛି କିମ୍ବା ୪୦୦ ମିଲି Profenophos ଓ Fenopyroximate ର ମିଳିତ କୀଟନାଶକ ଯାହାକି Etna ବା Pyromax ନାମରେ ମିଳୁଛି, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| କଖାରୁ ଜାତୀୟ ପନିପରିବା | ଫୁଲ/ଫଳ ଧରିବା ଅବସ୍ଥା | ❖ ବର୍ତମାନ ସମୟରେ କଖାରୁ ଜାତୀୟ ପନିପରିବା ଫସଲ ଯଥା କଖାରୁ, କାକୁଡି, କଲରା, ଜହ୍ନି, ଇତ୍ୟାଦି ଫସଲ ରେ ଫଳମାଛି ଲାଗିବାର ସମ୍ଭାବନା ରହିଛି । ଫଳମାଛି ର ପରିଚାଳନା ପାଇଁ ଶୁଖିଲା ପାଗ ଦେଖି ପ୍ରଥମେ ୪ ଲିଟର ପାଣି ରେ ୪୦୦ ଗ୍ରାମ ଗୁଡ ଓ ୮ ମିଲି malathion ବା DDVP କୀଟନାଶକ ମିଶାଇ ବିଷ ଥୋପ ପ୍ରସ୍ତୁତ କରନ୍ତୁ। ଏହି ବିଷ ଥୋପ କୁ ଏକ ଏକର କଖାରୁ ଜାତୀୟ ପନିପରିବା ଫସଲ ରେ ୮୦ ଟି ସ୍ଥାନରେ ଛୋଟ ସଢେଇ କିମ୍ବା ମାଟିରେ କିମ୍ବା ପ୍ଲାଷ୍ଟିକ କପରେ ରଖି ଗଛ ମୂଳ ରେ ରଖନ୍ତୁ। ଏହା କରିବା ଦ୍ୱାରା ଫଳମାଛି ଗୁଡିକ ଏହି ବିଷ ଥୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡି ମରିଯିବେ । |
| ଆମ୍ବ | ଫଳ ଧରିବା ଅବସ୍ଥା | ❖ ପବନରୁ ଆମ୍ବକୁ ରକ୍ଷା କରିବା ପାଇଁ ଆମ୍ବ ଗଛରେ ଜାଲ ଲଗାନ୍ତୁ ।<br>❖ ଫଳବିନ୍ଧା: ବର୍ତମାନ ଏହି ଅବସ୍ଥାରେ ତାପମାତ୍ରା ର ବୃଦ୍ଧି ହେତୁ ଫଳବିନ୍ଧା ପୋକ ଦେଖା ଦେଇପାରେ । ନିୟନ୍ତ୍ରଣ ପାଇଁ ବସିଲୁସ ଥୁରିନଜେନେସିସ ୧ ମିଲିଗ୍ରାମ କିମ୍ବା ୫ ମିଲିଗ୍ରାମ ଆଜାଡିରକଟୀନ୍ ୧୫୦୦ ପିପିଏମ କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ରାସାୟନିକ ଉପାୟରେ ନିୟନ୍ତ୍ରଣ ପାଇଁ ୧ ମିଲିଗ୍ରାମ ଲମ୍ବଡା ସାଇହାଲୋଥ୍ରୀନ୍ ୫% ଇସି କୁ ପ୍ରତି ଏକ ଲିଟର ପାଣିରେ ମିଶାଇ ଶୁଖିଲା ପାଗ ଦେଖି ସିଞ୍ଚନ କରନ୍ତୁ । |
| ପ୍ରାଣୀ ସମ୍ପଦ | ❖ ପ୍ରାଣୀ ମାନଙ୍କ ପରିଚାଳନା: ଗାଈ ଗୋରୁ ମାନଙ୍କୁ ପରିଷ୍କାର ଏବଂ ଦରକାର ଅନୁଯାଇ ପାଣି ଦିଅନ୍ତୁ । ସକାଳ ଏବଂ ସନ୍ଧ୍ୟା ସମୟରେ ଘାସ ଚରିବା ପାଇଁ ଦିଅନ୍ତୁ । ଦିନ ରେ ଦୁଇଥର ସ୍ନାନ କରାନ୍ତୁ । ଦିନ ସମୟ ରେ ଓଦା ଝୋଟ ବସ୍ତା କୁ ଝରକା ଏବଂ କବାଟ ରେ ଲଗାନ୍ତୁ । ଭଲ ବାୟୁ ଚଳାଚଳ ପାଇଁ ପଂଖା ଲଗାନ୍ତୁ । ସକାଳ ସମୟ ରେ କମ ଖୁଆନ୍ତୁ ଏବଂ ସନ୍ଧ୍ୟା ସମୟ ରେ ଅଧିକ ଖୁଆନ୍ତୁ ।<br>❖ ଛେଳି ଓ ମେଣ୍ଢା: ସିମେଣ୍ଟ, କଂକ୍ରିଟ ଯୁକ୍ତ ଛାତ ଘରେ ଛେଳି ଓ ମେଣ୍ଢା ରଖୁଥିବା ଚାଷୀ ମାନେ ଛାତ ଉପରେ ନଡ଼ା ପକାନ୍ତୁ ଏବଂ ଛାତକୁ ଧଳା ରଙ୍ଗରେ ପ୍ୟାଣ୍ଟ କରନ୍ତୁ । ସମ୍ଭବ ହେଲେ ଫଲସ ସିଲିଂ ର ବ୍ୟବସ୍ଥା କରନ୍ତୁ । ଦିନ ୧୦ ଟା ରୁ ୪ ଟା ପର୍ଯ୍ୟନ୍ତ ବାହାରକୁ ଛାଡ଼ନ୍ତୁ ନାହିଁ । | |
| କୁକୁଡା ପାଳନ | ❖ ରାନିକ୍ଷେତ ରୋଗ ବିରୁଦ୍ଧରେ କୁକୁଡ଼ା ମାନଙ୍କର ଟୀକାକରଣ ଏବଂ କୃମି ନ ହେବା ପାଇଁ ଔଷଧର ବ୍ୟବସ୍ଥା ନିଶ୍ଚୟ କରନ୍ତୁ । ବିଜୁଳି ଓ ଘଡ଼ଘଡ଼ି ସମୟରେ ଫାର୍ମ ପାଖରେ କିଛି ବିଦ୍ୟୁତ ଉପକରଣ ରଖନ୍ତୁ ନାହିଁ । | |

ତୁଷାର ରଞ୍ଜନ ମହାନ୍ତି
ନୋଡାଲ୍ ଅଫିସର,
ଗ୍ରାମୀଣ କୃଷି ମୌସମ ସେବା,ଓ.ୟୁ.ଏ.ଟି

ଅଧକ୍ଷ, ଗବେଷଣା ନିର୍ଦ୍ଦେଶାଳୟ,
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM, ଟିସୁ କଲଚର ଗଛ, ଫଳ ଓ ପନିପରିବା, ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

କୃଷକମାନଙ୍କୁ ପରାମର୍ଶ ଦିଆଯାଉଛି ଯେ, ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ "MAUSAM" ଏବଂ "MEGHDOOT" ଆଣ୍ଡ୍ରଏଡ୍ ମୋବାଇଲ ଆପ ବ୍ୟବହାର କରନ୍ତୁ ଏବଂ ବିଜୁଳି ଓ ଘଡଘଡିର ପୂର୍ବାନୁମାନ ପାଇଁ "DAMINI" ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**Mausam MobileApp link:** https://play.google.com/store/apps/details?id=com.imd.masuam&hl=hi
**Meghdoot MobileApp link:** https://play.google.com/store/apps/details?id=com.aas.meghdoot
**Damini MobileApp link :** https://play.google.com/store/apps/details?id=com.lightening.app.damini&hl=en_IN

---

**E-mail:** aas_ouat@yahoo.com, **WhatsApp**: +91 76569 09765, **Web Portal:**https://ouat.nic.in/agro-advisory-service